# NATIONAL NEWS BULLETIN (ODIA)

**26 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଛାୟା ଯୁଦ୍ଧ ଆଳରେ ପାକିସ୍ତାନ ଯୋଜନାବଦ୍ଧ ଭାବେ ଯୁଦ୍ଧ ପ୍ରସ୍ତୁତି ଚଳାଇଥିବା ସ୍ପଷ୍ଟ ହୋଇଛି - କହିଲେ ପ୍ରଧାନମନ୍ତ୍ରୀ ।

- ଗୁଜୁରାଟର ଗସ୍ତର ଦ୍ୱିତୀୟ ଦିନରେ ୫ହଜାର ୫୩୬ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।

- ବିଦେଶରେ ଭାରତର ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ସମ୍ପର୍କରେ ଅବଗତ କରାଉଛନ୍ତି ସଂସଦୀୟ ପ୍ରତିନିଧି ଦଳ ।

- ନୂତନ ଜାତୀୟ ଶିକ୍ଷାନୀତି ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଛି - କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ଲକ୍ଷ୍ନୌ ସୁପରଜାଏଣ୍ଟସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ ଶେଷ ଲିଗ୍ ମ୍ୟାଚ୍ ।

# ପିଏମ୍-ଗୁଜୁରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ପହଲଗାମ ଆତଙ୍କବାଦୀ ଆକ୍ରମଣ ଏହା ପ୍ରମାଣ କରୁଛି ଯେ ପାକିସ୍ତାନ ଭାରତ ବିରୋଧରେ ଛାୟାଯୁଦ୍ଧ ଆଳରେ ଯୋଜନାବଦ୍ଧ ଭାବେ ଯୁଦ୍ଧ ପାଇଁ ପ୍ରସ୍ତୁତି କରୁଛି । ଆଜି ଗୁଜୁରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଚଳିତମାସ ୬ ତାରିଖ ପରବର୍ତ୍ତୀ ଘଟଣା ପ୍ରମାଣ କରିବା ପାଇଁ ଯଥେଷ୍ଟ ଯେ ପାକିସ୍ତାନ ଦ୍ୱାରା ସୀମାପାର ଆତଙ୍କବାଦୀ ଆକ୍ରମଣ କରାଯାଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେଉଁ ଆତଙ୍କବାଦୀଙ୍କୁ ଭାରତ ନିପାତ କରିଛି ସେମାନଙ୍କୁ ପାକିସ୍ତାନ ଜାତୀୟ ପତାକାରେ ସଜାଇ ରାଷ୍ଟ୍ରୀୟ ସମ୍ମାନ ପ୍ରଦର୍ଶନ କରୁଛି ଏବଂ ଏଥିରେ ପାକିସ୍ତାନୀ ସେନା ସାମିଲ ରହିଛି । ସେ କହିଛନ୍ତି ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ସେଠାକାର ସେନାର ସହଯୋଗରେ କରାଯାଉଛି ।

**V/O (PM Muzauddin)**

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ କାହା ସହ ଶତ୍ରୁତା କରିବାକୁ ଚାହୁଁନାହିଁ ବରଂ ଶାନ୍ତିର ସହ ରହିବାକୁ ଚାହୁଁଛି । ସେ କହିଛନ୍ତି କେବଳ ନିଜ ଦେଶ ନୁହେଁ, ସାରା ବିଶ୍ୱର ଉନ୍ନତି ପାଇଁ କୋଟି କୋଟି ଭାରତୀୟ ସରକାରଙ୍କ ସହିତ ମିଶି କାର୍ଯ୍ୟ କରୁଛନ୍ତି । ପୂର୍ବ କେତେକ ନୀତିଗତ ନିଷ୍ପତ୍ତିକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆଜିର ଯୁବପିଢ଼ୀ ଐତିହାସିକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ସମ୍ପର୍କରେ ଜାଣିବା ଉଚିତ୍, ଯାହା ଦେଶର ବିକାଶର ପରିପନ୍ଥୀ ଥିଲା । ୧୯୬୦ ଇନ୍ଦସ ଜଳଚୁକ୍ତିକୁ

ସେହିଭଳି ଏକ ତ୍ରୁଟି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେଲା ବେଳକୁ ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ କୌଣସି ସାଲିସ କରାଯିବ ନାହିଁ । ଏହି ସ୍ୱପ୍ନକୁ ସାକାର କରିବା ଲାଗି ପ୍ରତ୍ୟେକ ଭାରତୀୟ ସେମାନଙ୍କ ଭୂମିକା ସଠିକ୍ ଢ଼ଙ୍ଗରେ ନିର୍ବାହ କରୁଛନ୍ତି । ବିଶ୍ୱର ପ୍ରଥମ ୩ଟି ଅର୍ଥନୀତିରେ ସାମିଲ ହେବାକୁ ହେଲେ ଦ୍ୱିତୀୟ ଏବଂ ତୃତୀୟ ବର୍ଗର ସହର ଗୁଡ଼ିକୁ ଅର୍ଥନୈତିକ ସ୍ତରରେ ବିକଶିତ କରିବାକୁ ପଡିବ । ପ୍ରଧାନମନ୍ତ୍ରୀ ଏହି ଅବସରରେ ନାଗରିକମାନଙ୍କୁ ଭାରତ ତିଆରି ଉତ୍ପାଦ ବ୍ୟବହାର କରିବା ଲାଗି ଆହ୍ୱାନ ଦେଇଛନ୍ତି ।

## V/O (PM Economy)

ଗୁଜୁରାଟ ଗସ୍ତର ଆଜି ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ମୋଦୀ ଗାନ୍ଧୀନଗର ସ୍ଥିତ ମହାତ୍ମା ମନ୍ଦିରଠାରେ ୫ହଜାର ୫୩୬ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ନଗର ଉନ୍ନୟନ, ଭିତ୍ତିଭୂମି ବିକାଶ, ଜଳସମ୍ପଦ ପରିଚାଳନା, ସ୍ୱାସ୍ଥ୍ୟସେବା ଏବଂ ରାଜସ୍ୱ ସେବା ଆଦି ବିଭିନ୍ନ କ୍ଷେତ୍ରରେ ଏହି ବିକାଶମୂଳକ ପ୍ରକଳ୍ପଗୁଡ଼ିକ ଅର୍ନ୍ତଭୁକ୍ତ। ଶ୍ରୀ ମୋଦୀ ଗାନ୍ଧୀନଗରଠାରେ ଗୁଜୁରାଟ ସହରାଞ୍ଚଳ ବିକାଶ ଯାତ୍ରାର ୨୦ ବର୍ଷ ପାଳନ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ୨୦୦୫ ମସିହାରୁ ଏହି ବିକାଶ ଯାତ୍ରା ଶ୍ରୀ ମୋଦୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାର୍ଯ୍ୟକାଳ ମଧ୍ୟରେ ଆରମ୍ଭ

କରାଯାଇଥିଲା । ସହରାଞ୍ଚଳରେ ଯୋଜନାବଦ୍ଧ ଭିତ୍ତିଭୂମି, ସ୍ୱଚ୍ଛଶାସନ ଏବଂ ସହରାଞ୍ଚଳ ବାସିନ୍ଦାଙ୍କ ପାଇଁ ଉନ୍ନତ ଜୀବନଶୈଳୀ ଆଧାରିତ ଏହି ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷ ପରିବର୍ତ୍ତନର ଲକ୍ଷ୍ୟ ରଖାଯାଇଥିଲା । ଏହି ସଫଳତା ଆଧାରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନଗର ଉନ୍ନୟନ ବର୍ଷ-୨୦୨୫ ଅଭିଯାନ ଆରମ୍ଭ କରିଛନ୍ତି । ଗୁଜୁରାଟରେ ସହରାଞ୍ଚଳ ବିକାଶ ପାଇଁ ଏକ ରୂପରେଖ ପ୍ରସ୍ତୁତ କରାଯାଇଛି । ବାୟୁ ଗୁଣବତ୍ତା ଉନ୍ନତ ଏବଂ ସ୍ଥାୟୀ ସହରାଞ୍ଚଳ ଜୀବନଯାପନକୁ ପ୍ରୋତ୍ସାହନ ପ୍ରଦାନ କରିବ ପାଇଁ ପ୍ରଧାନମନ୍ତ୍ରୀ ଗୁଜୁରାଟ ସହରାଞ୍ଚଳ ବିକାଶ ଯୋଜନା ଏବଂ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ୨୨ ହଜାରରୁ ଅଧିକ ହିତାଧିକାରୀଙ୍କୁ ବାସଗୃହ ମଧ୍ୟ ପ୍ରଦାନ କରାଯାଇଛି । ଏହି ଅବସରରେ ଶ୍ରୀ ମୋଦୀ ସ୍ୱର୍ଣ୍ଣିମ ଜୟନ୍ତୀ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ୩ ହଜାର ୩୦୦ କୋଟି ଟଙ୍କାର ପାଣ୍ଠି ପ୍ରଦାନ କରିଛନ୍ତି ।

## ପିଏମ୍-ନେହେରୁ

ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କର ୬୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ପଣ୍ଡିତ ନେହେରୁଙ୍କର ସ୍ମୃତିଚାରଣ କରିଛନ୍ତି ।

ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ପଣ୍ଡିତ ନେହେରୁଙ୍କୁ ସ୍ୱାଧୀନ ଭାରତର ମୂଳଦୁଆ ପ୍ରତିଷ୍ଠା ଦିଗରେ ଏକ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଭାବେ ବର୍ଣ୍ଣନା କରିଛନ୍ତି ।

କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନୂଆଦିଲ୍ଲୀର ଶାନ୍ତିବନରେ ପଣ୍ଡିତ ନେହେରୁଙ୍କ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ପଣ୍ଡିତ ନେହେରୁଙ୍କୁ ଆଧୁନିକ ଭାରତର ନିର୍ମାତା ବୋଲି ଅଭିହିତ କରିଛନ୍ତି ।

# ଅଲ୍ ପାର୍ଟି ଡେଲିଗେସନ

ସାଂସଦମାନଙ୍କୁ ନେଇ ଗଠିତ ଭାରତର ସର୍ବଭାରତୀୟ ପ୍ରତିନିଧି ଦଳଗୁଡ଼ିକ ବିଭିନ୍ନ ଦେଶ ଗସ୍ତକରି ପାକିସ୍ତାନର ଆତଙ୍କୀ କାର୍ଯ୍ୟକଳାପ ଏବଂ ଭାରତର ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ସମ୍ପର୍କରେ ଅବଗତ କରାଉଛନ୍ତି । କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ନେତୃତ୍ୱରେ ଗଠିତ ପ୍ରତିନିଧି ଦଳ ଗୁଆନା ଗସ୍ତ କରି ଅପରେସନ ସିନ୍ଦୂର ପରବର୍ତ୍ତୀ ଭାରତର ପଦକ୍ଷେପ ଏବଂ ସୀମାପାର ଆତଙ୍କବାଦର ମୁକାବିଲା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଛନ୍ତି । ଶ୍ରୀ ଥରୁର କହିଛନ୍ତି ଭାରତର ରଣନୀତି ସମ୍ପର୍କରେ ଗୁଆନା ଅବଗତ ହୋଇଛି । ଜାତିସଂଘ ସୁରକ୍ଷା ପରିଷଦର

ସଦସ୍ୟଭାବରେ ଗୁଆନା ଆନ୍ତର୍ଜାତିକ ସ୍ତରରେ ଭାରତର ଆଭିମୁଖ୍ୟକୁ ଉପସ୍ଥାପନ କରିବ ବୋଲି ଆଶା କରାଯାଉଛି ।

ପ୍ରତିନିଧି ଦଳ ଗୁଆନା ରାଷ୍ଟ୍ରପତି ମହମ୍ମଦ ଇରଫାନ ଅଲ୍ଲୀଙ୍କୁ ସାକ୍ଷାତ୍ କରିଛନ୍ତି । ବୈଠକ ପରେ ଗୁଆନା ରାଷ୍ଟ୍ରପତି କହିଛନ୍ତି ମାନବ ସମାଜରେ ଆତଙ୍କବାଦ ଏବଂ ଉଗ୍ରବାଦର କୌଣସି ସ୍ଥାନ ନାହିଁ । ଯେକୌଣସି ପ୍ରକାର ଆତଙ୍କବାଦ କାର୍ଯ୍ୟକଳାପକୁ ଗୁଆନା ବିରୋଧ କରେ ବୋଲି ରାଷ୍ଟ୍ରପତି କହିଛନ୍ତି । ପ୍ରତିନିଧି ଦଳ ମଧ୍ୟ ଗୁଆନା ସଂସଦର ବାଚସ୍ପତି ମଞ୍ଜୁର ନାଦିର୍‌ଙ୍କ ସହ ସାକ୍ଷାତ୍ କରି ଭାରତର ଆତଙ୍କବାଦ ବିରୋଧୀନ ନୀତି ସମ୍ପର୍କରେ ଆଲୋଚନା କରିଛନ୍ତି ।

ଅନ୍ୟପକ୍ଷରେ ସାଂସଦ ସଞ୍ଜୟ କୁମାର ଝାଙ୍କ ନେତୃତ୍ୱରେ ଗଠିତ ପ୍ରତିନିଧି ସିଙ୍ଗାପୁରର ବୈଦେଶିକ ମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଭାରତର ଶୂନ୍ୟ ସହନଶୀଳତା ନୀତି ଏବଂ ଅପରେସନ ସିନ୍ଦୂର ପରବର୍ତ୍ତୀ ଘଟଣାକ୍ରମ ସମ୍ପର୍କରେ ପ୍ରତିନିଧି ଦଳ ସେଠାକାର ନେତୃତ୍ୱଙ୍କୁ ଅବଗତ କରାଇଛନ୍ତି ।

# ପ୍ରଧାନ-ଏଜୁକେଶନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ୨୦୨୦ ଜାତୀୟ ଶିକ୍ଷାନୀତି ଦେଶର ପାରମ୍ପରିକ ମୂଲ୍ୟବୋଧକୁ ଅଗ୍ରାଧିକାର ଦେଇ ଭବିଷ୍ୟତ ଲାଗି ଶିକ୍ଷା ଖସଡା ପ୍ରସ୍ତୁତ କରିଛି । ଆଜି ନୂଆଦିଲ୍ଲୀରେ ଏକ ଶିକ୍ଷା ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ନୂତନ

ଜାତୀୟ ଶିକ୍ଷାନୀତି ଏକ ଦୂରଦୃଷ୍ଟି ସମ୍ପନ୍ନ ଶିକ୍ଷଣ ଢ଼ାଞ୍ଚା ଭାବରେ ବିକାଶଲାଭ କରୁଛି । ଏହାଦ୍ୱାରା ଭାରତରେ ଶିକ୍ଷାର ଭବିଷ୍ୟତକୁ ଏକ ପୂର୍ଣ୍ଣ ଆକାର ମିଳିପାରିବ । ସେ କହିଛନ୍ତି ଦେଶର ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ବିକାଶ ଘଟୁଛି, ଯେଉଁଥିରେ ଭିତ୍ତିଭୂମି, ଅର୍ନ୍ତଭୁକ୍ତିକରଣ ଏବଂ ଆଧୁନିକତାକୁ ସ୍ଥାନ ଦିଆଯାଇଛି ।

ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଭାରତୀୟ ଯୁବ ପୀଢ଼ିର ମୁଖ୍ୟ ଆକର୍ଷଣ ଭାବେ ଶିକ୍ଷା ଏକ ପ୍ରମୁଖ ସ୍ତମ୍ଭ ପାଲଟିଛି । ଦେଶରେ ଶିକ୍ଷାର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହା ଯେପରି ଛାତ୍ରଛାତ୍ରୀମାନଙ୍କୁ ଚିନ୍ତାଶୀଳ କରାଇବ, ସେ ଦିଗରେ ଦୃଷ୍ଟି ଦିଆଯାଇଛି । ଏବେ ଦେଶରେ ୫ରୁ ୨୩ ବର୍ଷ ବୟସ ମଧ୍ୟରେ ୩୦କୋଟିରୁ ଅଧିକ ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣ କରୁଛନ୍ତି, ଯାହା ଭାରତର ଶିକ୍ଷା କ୍ଷେତ୍ରରେ ସଂସ୍କାରକୁ ଦର୍ଶାଉଛି ।

# ମିଶ୍ରି- ୟୁଏସ୍ଏ

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜିଠାରୁ ତିନିଦିନିଆ ଆମେରିକା ଗସ୍ତରେ ଯିବେ। ଓ୍ୱାଶିଂଟନ ଡିସି’ଠାରେ ଆମେରିକୀୟ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ସେ ସାକ୍ଷାତ ଆଲୋଚନା କରିବେ। ଗତ ଫେବୃଆରୀରେ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଶ୍ରୀ ମିଶ୍ରି ଏହି ଗସ୍ତରେ ଯାଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ସମୟରେ ଭାରତ–ଆମେରିକା କମ୍ପାକ୍ଟ– ସାମର୍ଥ ସହଭାଗିତା, ତ୍ୱରିତ

ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ପାଇଁ ସୁଯୋଗ ସହଭାଗିତାର ପ୍ରୟାସ ଆରମ୍ଭ ହୋଇଥିଲା ।

## ରାଜନାଥ ସିଂହ-ଆକ୍ମା

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ବିକଶିତ ମଧ୍ୟମ ଧରଣର ଯୁଦ୍ଧ ଜାହାଜ କାର୍ଯ୍ୟକ୍ରମର ମଡେଲକୁ ଅନୁମୋଦନ କରିଛନ୍ତି । ଏହାଫଳରେ ଭାରତର ପ୍ରତିରକ୍ଷା ସାମର୍ଥ୍ୟ ବୃଦ୍ଧି ପାଇବା ସହ ଶିଳ୍ପ ଇକୋ ସିଷ୍ଟମକୁ ଅଗ୍ରାଧିକାର ମିଳିପାରିବ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଉଭୟ ଘରୋଇ ଏବଂ ବେସରକାରୀ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ଭାବରେ ଏହି ମଡେଲ ସମାନ ସୁବିଧା ସୁଯୋଗ ଯୋଗାଇ ଦେବ । ଭାରତର ନୀତି ନିୟମ ଅନୁଯାୟୀ କେବଳ ଭାରତୀୟ କମ୍ପାନୀମାନେ ଏଥିପାଇଁ ନିଲାମ ଡାକିପାରିବେ । ମନ୍ତ୍ରଣାଳୟ କହିଛି ଏଭଳି ଯୁଦ୍ଧ ଜାହାଜ ନିର୍ମାଣ କରିବା ନିମନ୍ତେ ଭାରତର ସାମର୍ଥ୍ୟର ବିକାଶ ଘଟିପାରିବ ।

## ଆଇପିଏଲ୍ କ୍ରିକେଟ

ଆଇପିଏଲ୍ କ୍ରିକେଟରେ ଆଜି ଲକ୍ଷ୍ନୌ ସୁପରଜାଏଣ୍ଟସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମରେ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ। ବେଙ୍ଗାଲୁରୁ ୧୭ ପଏଣ୍ଟ ପାଇ ପଏଣ୍ଟ ଟେବୁଲରେ ତୃତୀୟ

ସ୍ଥାନରେ ରହିଛି । ଆଜିର ମ୍ୟାଚ୍ ଜିତି ବେଙ୍ଗାଲୁରୁ ପ୍ରଥମ କିମ୍ବା ଦ୍ୱିତୀୟ ସ୍ଥାନରେ ରହିବାକୁ ଚେଷ୍ଟା କରିବ ।

ଗତକାଲି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ବିଜୟୀ ହୋଇଛି। ଜୟପୁରର ସବାଇ ମାନସିଂ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ' ମୁମ୍ବାଇ ଇଣ୍ଡିଆନ୍ସକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଛି।  ଏହି ବିଜୟ ସହ ପଞ୍ଜାବ ୧୪ଟି ମ୍ୟାଚ୍‌ରୁ ୯ଟି ବିଜୟ ସହ ୧୯ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ  ସମ ପରିମାଣ ମ୍ୟାଚ୍‌ରୁ ୮ଟିରେ ବିଜୟ ହାସଲ କରି ୧୬ ପଏଣ୍ଟ ସହ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଆସନ୍ତା ଗୁରୁବାର ଦିନ ପଞ୍ଜାବ କିଙ୍ଗ୍‌ସ ପ୍ରଥମ କ୍ୱାଲିଫାୟର ମ୍ୟାଚ୍ ଖେଳିବ। ଅନ୍ୟପକ୍ଷରେ ଶୁକ୍ରବାର ଦିନ ମୁମ୍ବାଇ ଇଣ୍ଡିଆନ୍ସ ଏଲିମେଟର ପର୍ଯ୍ୟାୟ ମ୍ୟାଚ୍ ଖେଳିବ।